# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**20 August – 2025**

---

# ରିଂରୋଡ୍ ପ୍ରକଳ୍ପ-ପ୍ରଧାନମନ୍ତ୍ରୀ

କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦନ ଲାଭ କରିଥିବା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭିଡ଼ ହ୍ରାସ କରିବା ସହିତ ଏହି ପ୍ରକଳ୍ପ ସହଜ ଜୀବନଯାପନକୁ ପ୍ରୋତ୍ସାହନ ପ୍ରଦାନ କରିବ । ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଗତକାଲି ରାଜ୍ୟର ୬ଲେନ୍ ବିଶିଷ୍ଟ ନିୟନ୍ତ୍ରିତ ଗ୍ରୀନ୍‌ଫିଲ୍ଡ ରାଜଧାନୀ ଅଞ୍ଚଳ ରିଙ୍ଗ୍‌ରୋଡ୍ ପ୍ରକଳ୍ପ ନିର୍ମାଣକୁ ମଂଜୁରୀ ପ୍ରଦାନ କରାଯାଇଛି। ୮ହଜାର ୩୦୭ କୋଟି ୭୪ ଲକ୍ଷ ଟଙ୍କା ଏହି ପ୍ରକଳ୍ପ ପାଇଁ ଅନୁମୋଦନ କରାଯାଇଛି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରକଳ୍ପକୁ ମଂଜୁରୀ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

---

# କ୍ରୀଡ଼ା ପ୍ରଶାସନ ଆଇନ

ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌କୁ ରାଷ୍ଟ୍ରପତି ମଂଜୁରୀ ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ଏହା ଆଇନରେ ପରିଣତ ହୋଇଛି । ଏହି ଆଇନ ଅନୁଯାୟୀ, କ୍ରୀଡ଼ା କ୍ଷେତ୍ରରେ ପ୍ରଶାସନିକ ମାନଦଣ୍ଡ ଧାର୍ଯ୍ୟ ଏବଂ ତ୍ୱରିତ ବିବାଦର ସମାଧାନ ଲକ୍ଷ୍ୟ ନେଇ ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ୍ ପ୍ରତିଷ୍ଠା କରାଯିବ ।

---

# ମୁଖ୍ୟମନ୍ତ୍ରୀ- ମହିଳା ସଶକ୍ତିକରଣ

ରାଜ୍ୟରେ ମହିଳା ସଶକ୍ତିକରଣ ଦିଗରେ ସରକାରଙ୍କ ଆଭିମୁଖ୍ୟ ସବୁଠାରୁ ଉତ୍କୃଷ୍ଟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି ସୁଭଦ୍ରା ଯୋଜନାର ସଫଳ ରୂପାୟନ  ଏ କ୍ଷେତ୍ରରେ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିପାଦନ କରିଛି । ୨୦୩୬ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ହାସଲ ଦିଗରେ ସରକାର ବିଭିନ୍ନ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି ।

# ରାଜ୍ୟପାଳଙ୍କ ଗସ୍ତ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଭଦ୍ରକ ଜିଲ୍ଲା ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଛନ୍ତି । ସେଠାରେ ଚାଷୀ ଏବଂ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ଦ୍ୱାରା ଖୋଲାଯାଇଥିବା ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ଅବସରରେ ସେମାନଙ୍କ ସହ ମତ ବିନିମୟ କରିଛନ୍ତି । ପ୍ରଧାନମନ୍ତ୍ରୀ ମତ୍ସ୍ୟଚାଷ ଯୋଜନା ସହ ସରକାରଙ୍କ ବିଭିନ୍ନ କୃଷି କଲ୍ୟାଣମୂଳକ ଯୋଜନାରେ ସାମିଲ ହେବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି । ହରିପୁର ପଞ୍ଚାୟତରେ ବର୍ଜ୍ୟ ପରିଚାଳନା ପ୍ଲାଣ୍ଟ ପରିଦର୍ଶନ କରିବା ସହ ସେଠାରେ ଏକ ଚାରା ରୋପଣ କାର୍ଯ୍ୟକ୍ରମରେ ରାଜ୍ୟପାଳ ଯୋଗ ଦେଇଥିଲେ । ଅସୁରାଳୀରେ ସ୍କିଲ୍ ଇଣ୍ଡିଆ ତାଲିମ କେନ୍ଦ୍ରରେ ପହଞ୍ଚି ଡକ୍ଟର କମ୍ଭମପାଟି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ ।

# ନିଟ୍ ପିଜି ପରୀକ୍ଷାଫଳ

ନିଟ୍ ପିଜି-୨୦୨୫ ପରୀକ୍ଷା ଫଳ ପ୍ରକାଶ ପାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ୩ ତାରିଖରେ ଗୋଟିଏ ପର୍ଯ୍ୟାୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଡାକ୍ତରୀ ପାଠ୍ୟକ୍ରମ ପାଇଁ ଜାତୀୟ ପରୀକ୍ଷା ବୋର୍ଡର ୱେବ୍‌ସାଇଟ୍‌ରୁ ଛାତ୍ରଛାତ୍ରୀମାନେ ପରୀକ୍ଷା ଫଳ ସଂକ୍ରାନ୍ତ ତଥ୍ୟ ପାଇପାରିବେ ବୋଲି **NBEMS** ପକ୍ଷରୁ କୁହାଯାଇଛି ।

---

# ସମୀକ୍ଷା

ସୁଗମ ଓ ସୁରକ୍ଷିତ ରେଳ ଯାତ୍ରା, ପରିଷ୍କାର ପରିଚ୍ଛନ୍ନତା ଏବଂ ସେବା ଗୁଣବତ୍ତା ନେଇ ଗତକାଲି  ପୂର୍ବତଟ ରେଳପଥ ପକ୍ଷରୁ ସମୀକ୍ଷା କରାଯାଇଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍‌ରେ ଯାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି ସୁବିଧା ଗୁଡ଼ିକର ଯାଞ୍ଚ କରିଛନ୍ତି । ଭଦ୍ରକ ରେଳଷ୍ଟେସନଠାରେ ମଧ୍ୟ ଯାତ୍ରୀଙ୍କ ସୁବିଧା, ଷ୍ଟେସନ ପରିସରର ସ୍ଥିତି ଆଦି ନେଇ ସେ ସମୀକ୍ଷା କରିଛନ୍ତି ।

---

# ଆସ ସ୍କୁଲ୍ ଯିବା

ଖୋର୍ଦ୍ଧାରେ ବିଦ୍ୟାଳୟ ଶିକ୍ଷା ଯୋଜନା ଓ କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରିତା ଏବଂ **ଆସ ସ୍କୁଲ୍ ଯିବା** ଅଭିଯାନର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାସ୍ତରୀୟ ଶିକ୍ଷାବିଭାଗ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମ ଗୁଡ଼ିକର ସ୍ଥିତି ଏବଂ ଅଭିଯାନ ଉପରେ ମତ ବିନିମୟ କରିଛନ୍ତି ।

---

## ନାମଲେଖା

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା ପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଜାରି ରହିଛି । ବିଭିନ୍ନ ବୃତ୍ତିଗତ ପାଠ୍ୟକ୍ରମରେ ପ୍ରଶିକ୍ଷଣ ପାଇଁ ଦକ୍ଷତା କେନ୍ଦ୍ର ପକ୍ଷରୁ ଅନ୍‌ଲାଇନ୍ ଆବେଦନ ଆହ୍ୱାନ କରାଯାଇଛି । ଏଥିପାଇଁ ସେପ୍ଟେମ୍ବର ପହିଲାକୁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି ।

---

## ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳନ ଅବସରରେ କଟକ ଶୈଳବାଳା ମହିଳା ମହାବିଦ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବସଂଗଠନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତିର ପିତାଙ୍କ ଜୀବନାଦର୍ଶ ଉପରେ ଆଲୋଚନା ହୋଇଛି । ୧୯୨୫ ମସିହାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଆମନ୍ତ୍ରଣ କ୍ରମେ ଗାନ୍ଧିଜୀ ଦ୍ୱିତୀୟ ଥର ପାଇଁ ଓଡ଼ିଶା ଆଗମନ କରିଥିଲେ ।

---

## ଉର୍ଦ୍ଦୁ ଏକାଡେମୀ ପୁରସ୍କାର

୨୦୨୩ ବର୍ଷ ପାଇଁ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି । ଭଦ୍ରକର ଜନାବ ଶେଖ୍ ଅନୁଓ୍ୱାର ହୁସେନଙ୍କୁ ଅମଜାଦ ନଜମୀ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କଟକର ଜନାବ ଅବଦୁଲ ହକ୍ ବେତାବଙ୍କୁ ଡକ୍ଟର କରାମତ ଅଲ୍ଲୀ ପୁରସ୍କାର ଏବଂ ଜନାମ ସମିଉଲ୍ ହକ୍ ସାକୀରଙ୍କୁ ଶ୍ରୀଯୁକ୍ତ ରଶ୍ମିକାନ୍ତ ରାହୀ ପୁରସ୍କାର ପ୍ରଦାନ କରାଯାଇଛି ।

---

## ଜିଲ୍ଲାପାଳଙ୍କ ସମୀକ୍ଷା

ଗଞ୍ଜାମ ଜିଲ୍ଲା ଗୋପାଳପୁର ପ୍ରସ୍ତାବିତ ବ୍ଲୁ ଫ୍ଲାଗ୍ ବିଚ୍ ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଜିଲ୍ଲାପାଳ ଭି. କାର୍ତ୍ତିଭାସନ ତଦାରଖ କରିଛନ୍ତି । ଇକୋ ରିଟ୍ରିଟ୍ କାଠପୋଲ ବେଳାଭୂମିଠାରୁ ମୁହାଣ ପର୍ଯ୍ୟନ୍ତ ହେବାକୁ ଥିବା ବ୍ଲୁ ଫ୍ଲାଗ୍ ବିଚ୍‌ର ଜିଲ୍ଲାପାଳ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଏକ ସମୀକ୍ଷା ବୈଠକରେ  ସେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।

## ଆଦି କର୍ମଯୋଗୀ ଅଭିଯାନ

ଆଦି କର୍ମଯୋଗୀ ଅଭିଯାନ, ସମାବେଶୀ ଶାସନ ଏବଂ ଜନଜାତିଙ୍କ ଅଂଶଗ୍ରହଣକୁ ସାକାର କରିବାରେ ଏକ ଐତିହାସିକ ପଦକ୍ଷେପ ବୋଲି କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ କହିଛନ୍ତି । ମିଶନ ମୋଡ୍‌ରେ ଜନଜାତି ଗ୍ରାମଗୁଡ଼ିକର ସାମଗ୍ରିକ ବିକାଶ ହାସଲ କରିବାରେ ଏହା ସାହାଯ୍ୟ କରିବ । ଦେଶର ୫୫୦ଟି ଜିଲ୍ଲାର ୨୦ଲକ୍ଷରୁ ଅଧିକ ଜନଜାତି ସଂପ୍ରଦାୟଙ୍କୁ ଏହି ଅଭିଯାନରେ ସାମିଲ କରାଯାଇଛି ବୋଲି ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।